# NATIONAL NEWS BULLETIN (ODIA)
## 02nd February - 2025
## Morning Bulletin : 7.15 a.m.

**************************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ସତ୍ୟବ୍ରତ ବେହୁରା**

## ମୁଖ୍ୟ ସମ୍ବାଦ

- ଆତ୍ମନିର୍ଭର ଭାରତ ଗଠନ ଦିଗରେ ଚଳିତ ବଜେଟ୍ ମାଇଲ୍‌ଖୁଣ୍ଟ ସାବ୍ୟସ୍ତ ହେବ; କହିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।
- ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ଆସନ୍ତାକାଲି ଶେଷ ହେବ ପ୍ରଚାର ।

— ହୋମ୍ ଭୋଟିଂ ପ୍ରକ୍ରିୟାରେ ୯୪ ପ୍ରତିଶତ ମତଦାନ ସୂଚନା ।

- ଛତିଶଗଡ଼ ବିଜାପୁରରେ ସୁରକ୍ଷା ବାହିନୀ ସହ ଗୁଳି ବିନିମୟରେ ୮ ମାଓବାଦୀ ମୃତ ।
- ମହାକୁମ୍ଭରେ ସ୍ନାନ କରି ଭାରତୀୟ ସଂସ୍କୃତି ଓ ଆଧ୍ୟାତ୍ମିକତାକୁ ପ୍ରଶଂସା କଲେ ୧୧୮ ଜଣିଆ ବିଦେଶୀ ପ୍ରତିନିଧିଦଳ ।

ଏବଂ

- ଟି-ଟ୍ୱେଣ୍ଟି କ୍ରିକେଟ୍ ଶୃଙ୍ଖଳାର ପଞ୍ଚମ ତଥା ଅନ୍ତିମ ମ୍ୟାଚ୍‌ରେ ଆଜି ଭାରତ ଓ ଇଂଲଣ୍ଡ ମଧ୍ୟରେ ମୁକାବିଲା ।

## ଅମିତ୍ ଶାହା - ବଜେଟ୍

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କେନ୍ଦ୍ରୀୟ ବଜେଟ୍‌କୁ ସ୍ୱାଗତ କରିବା ସହ ଏକ ବିକଶିତ ଭାରତ ଗଠନ ଦିଗରେ ସରକାରଙ୍କ ଦୃଷ୍ଟିକୋଣର ଏହା ଏକ ରୋଡ୍‌ମ୍ୟାପ ବୋଲି କହିଛନ୍ତି। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ଶାହା କହିଛନ୍ତି, ଚଳିତ ବଜେଟ୍‌ରେ କୃଷକ, ଗରିବ, ମଧ୍ୟବିତ୍ତ ପରିବାରଠୁ ଆରମ୍ଭ କରି ଷ୍ଟାର୍ଟ ଅପ୍, ଅଭିନବତା, ପୁଞ୍ଜିନିବେଶ ଭଳି ପ୍ରତ୍ୟେକ ପ୍ରାଥମିକ କ୍ଷେତ୍ରକୁ ଅଗ୍ରାଧିକାର ଦିଆଯାଇଛି। ଏହା ଆତ୍ମନିର୍ଭର ଭାରତ ଗଠନ ଦିଗରେ ପଥ ପରିଷ୍କାର କରିବ ବୋଲି ଶ୍ରୀ ଶାହା କହିଛନ୍ତି।

ସୂଚନା ଓ ପ୍ରସାରଣ, ଯୋଗାଯୋଗ ଓ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଚଳିତ କେନ୍ଦ୍ରୀୟ ବଜେଟ୍‌କୁ ବିକଶିତ ଭାରତ ଲାଗି ଏକ ରୋଡ୍‌ମ୍ୟାପ ଭାବେ ଅଭିହିତ କରିଛନ୍ତି। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ସେ କହିଛନ୍ତି, ଏହି ବଜେଟ୍‌ରେ ଅଭିବୃଦ୍ଧି, ସମାବେଶୀ, ଅଭିନବତା ସହିତ କୃଷିଠୁ ଆରମ୍ଭ କରି ପ୍ରଯୁକ୍ତିବିଦ୍ୟା ଏବଂ ଏମ୍.ଏସ୍.ଏମ୍.ଇ.ଠାରୁ କୃତ୍ରିମ ବୁଦ୍ଧିମତା ପର୍ଯ୍ୟନ୍ତ ସମସ୍ତ କ୍ଷେତ୍ରକୁ ପ୍ରାଧାନ୍ୟ ଦିଆଯାଇଛି। ସେହିଭଳି ଦେଶରେ ରେଳବାଇ କ୍ଷେତ୍ରର

ସମ୍ପ୍ରସାରଣ ତଥା ଭିତ୍ତିଭୂମି ସୁଦୃଢ଼ୀକରଣ ଲାଗି ବଜେଟ୍‌ରେ ୨ ଦଶମିକ ୫/୨ ଲକ୍ଷ କୋଟି ଟଙ୍କା ବରାଦ କରାଯାଇଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି।

ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପୀୟୁଷ ଗୋଏଲ କେନ୍ଦ୍ରୀୟ ବଜେଟକୁ ସ୍ୱାଗତ କରିବା ସହ ଏହାଦ୍ୱାରା ଚମଡ଼ା ଶିଳ୍ପ କ୍ଷେତ୍ରରେ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ୨୨ ଲକ୍ଷରୁ ଊର୍ଦ୍ଧ୍ୱ ନିଯୁକ୍ତି ସୃଷ୍ଟି ହୋଇପାରିବ ବୋଲି କହିଛନ୍ତି। ଗଣମାଧ୍ୟମକୁ ନିଜ ପ୍ରତିକ୍ରିୟା ଦେଇ ସେ କହିଛନ୍ତି, 'ବିକଶିତ ଭାରତ ୨୦୪୭' ପାଇଁ ଏହି ବଜେଟ୍ ଭିତ୍ତିଭୂମି ସ୍ଥାପନ କରିଛି।

କେନ୍ଦ୍ରମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ କେନ୍ଦ୍ରୀୟ ବଜେଟ୍ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ନୂତନ ନବୀକରଣୀୟ ଶକ୍ତି ମନ୍ତ୍ରଣାଳୟ ଲାଗି ବଜେଟ୍‌ରେ ୨୬ ହଜାର ୫୪୯ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏହି ବ୍ୟୟବରାଦ ପ୍ରାୟ ୫୩ ପ୍ରତିଶତ ବୃଦ୍ଧି ପାଇଛି ବୋଲି ସେ କହିଛନ୍ତି। ସେହିଭଳି ଖାଦ୍ୟଶସ୍ୟ ବଣ୍ଟନ ଲାଗି ୨ ଲକ୍ଷ ୩ ହଜାର କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଚଳିତ ବଜେଟ୍‌କୁ ଶ୍ରୀ ଯୋଶୀ ଗରିବ ଏବଂ ମଧ୍ୟବିତ୍ତ ପରିବାରବର୍ଗଙ୍କୁ ଲାଭଦାୟକ ହୋଇଥିବା ବେଳେ ଏହା ବିକାଶନ୍ମୋଖୀ ବୋଲି ବର୍ଣ୍ଣନା କରିଛନ୍ତି।

ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି.ନଡ୍ଡା କେନ୍ଦ୍ରୀୟ ବଜେଟ୍ ଉପରେ ନିଜ ପ୍ରତିକ୍ରିୟାରେ କହିଛନ୍ତି, ଏହି ବଜେଟ୍ ଦେଶର ଗରିବ, ଯୁବବର୍ଗ, ଅନ୍ନଦାତା ଏବଂ ମହିଳାଙ୍କର ଆକାଂକ୍ଷା ପୂରଣ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ସାମାଜିକ ଗଣମାଧ୍ୟମରେ ଏହି ପୋଷ୍ଟ କରି ସେ କହିଛନ୍ତି,

ବିକାଶପଥରେ ଯେଭଳି କୌଣସି ନାଗରିକ ପଛରେ ନ ରହିଯିବେ ସେଥିପ୍ରତି ଧ୍ୟାନ ଦିଆଯିବା ସହିତ ଏକ ଶକ୍ତ, ସମୃଦ୍ଧ ଓ ଆତ୍ମନିର୍ଭର ଭାରତ ଗଠନ ଦିଗରେ ଏହି ବଜେଟ୍ ସହାୟକ ହେବ।

## ୟୁନିୟନ୍ ବଜେଟ୍ - ଆସାମ୍ ସି.ଏମ୍.

ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା' ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କଦ୍ୱାରା ଉପସ୍ଥାକିତ କେନ୍ଦ୍ରୀୟ ବଜେଟ୍‌କୁ ପ୍ରଶଂସା କରିଛନ୍ତି । ଏହି ବଜେଟ୍ ଆସାମର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ସହ ଉଦ୍ୟୋଗୀମାନଙ୍କପାଇଁ ନୂଆ ସୁଯୋଗ ସୃଷ୍ଟି କରିବ ବୋଲି ସେ କହିଛନ୍ତି । ଶ୍ରୀ ବିଶ୍ୱଶର୍ମା କହିଛନ୍ତି, ଏହି ବଜେଟ୍‌ରେ ଉଦ୍ୟୋଗୀ, କୃଷକ ଏବଂ ମଧ୍ୟବିତ୍ତଙ୍କ ଆବଶ୍ୟକତାକୁ ଧ୍ୟାନରେ ରଖି ବିଭିନ୍ନ ଯୋଜନା ଗ୍ରହଣ କରାଯାଇଛି । ସେ କହିଛନ୍ତି, ଜାଗିରୋଡ୍ ସେମିକଣ୍ଡକ୍ଟର ବ୍ୟବସ୍ଥା ପରେ ନାମରୁକ୍‌ରେ ୧୨ ଲକ୍ଷ ମେଟ୍ରିକ୍ ଟନ୍ କ୍ଷମତାବିଶିଷ୍ଟ ୟୁରିଆ କାରଖାନା ସ୍ଥାପନ ଘୋଷଣା ରାଜ୍ୟପାଇଁ ସମ୍ଭାବନା ସୃଷ୍ଟି କରିଛି ।

ଜମ୍ମୁ-କାଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା ବିକଶିତ ଭାରତ ଲକ୍ଷ୍ୟ ପୂରଣ ଦିଗରେ ଏହି ବଜେଟ୍ ମାଇଲ୍‌ଖୁଣ୍ଟ ସାବ୍ୟସ୍ତ ହେବ ବୋଲି କହିଛନ୍ତି । ବଜେଟ୍‌ରେ ଗରିବ, ଯୁବକ, କୃଷକ ଏବଂ ମହିଳାମାନଙ୍କପାଇଁ ବିକାଶମୂଳକ

ପଦକ୍ଷେପ ଓ ସଂଶୋଧିତ ଟିକସ ହାର ମଧ୍ୟବିତ୍ତଙ୍କ ଜୀବନଶୈଳୀରେ ବଡ଼ ପରିବର୍ତ୍ତନ ଆଣିବ ବୋଲି ସେ କହିଛନ୍ତି । ଶ୍ରୀ ସିହ୍ନା କହିଛନ୍ତି, ଏହି ବଜେଟ୍ ଘରୋଇ କ୍ଷେତ୍ରର ପୁଞ୍ଜିନିବେଶକୁ ଉତ୍ସାହିତ କରିବାପାଇଁ ଉଦ୍ଦିଷ୍ଟ ।

କେନ୍ଦ୍ରମନ୍ତ୍ରୀ ଚିରାଗ୍ ପାଶ୍ୱାନ ବଜେଟ୍‌ରେ ବିହାରକୁ ଅନେକଗୁଡ଼ିଏ ବୃହତ୍ ପ୍ରକଳ୍ପ ଦିଆଯାଇଥିବାରୁ ସେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ପ୍ରଶଂସା କରିଛନ୍ତି । ବଜେଟ୍‌ରେ ୫୦ ହଜାର ହେକ୍ଟର ଜମିରେ ଚାଷ କାର୍ଯ୍ୟ କରୁଥିବା କୃଷକମାନଙ୍କୁ ଜଳସେଚନ ସୁବିଧା ଯୋଗାଇ ଦେବା ବ୍ୟବସ୍ଥା ହୋଇଥିବା ସେ କହିଛନ୍ତି । ଅନ୍ୟପକ୍ଷରେ ବିମାନ ଚଳାଚଳ ଚାହିଦାକୁ ଦୃଷ୍ଟିରେ ରଖିବ ୩ଟି ଗ୍ରୀନ୍‌ଫିଲ୍‌ଡ୍ ବିମାନ ବନ୍ଦର ବ୍ୟତୀତ ୨ଟି ବିମାନ ବନ୍ଦରର ସମ୍ପ୍ରସାରଣ ବ୍ୟବସ୍ଥା ବିହାରର ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହେବ ବୋଲି ଶ୍ରୀ ପାଶ୍ୱାନ କହିଛନ୍ତି ।

## ଦିଲ୍ଲୀ କ୍ୟାମ୍ପେନିଂ

ଦିଲ୍ଲୀ ବିଧାନସଭା ନିର୍ବାଚନପାଇଁ ଆସନ୍ତାକାଲି ପ୍ରଚାର ଶେଷ ହେବ । ମତଦାନକୁ ଆଉ ମାତ୍ର ତିନିଦିନ ବାକି ଥିବାବେଳେ ରାଜନୈତିକ ଦଳଗୁଡ଼ିକ ଭୋଟରମାନଙ୍କୁ ଆକୃଷ୍ଟ କରିବାପାଇଁ ଜୋରଦାର ଉଦ୍ୟମ କରୁଛନ୍ତି । ୭୦ ଆସନ ବିଶିଷ୍ଟ ଦିଲ୍ଲୀ ବିଧାନସଭା ପାଇଁ ଆସନ୍ତା ୫ ତାରିଖରେ ମତଦାନ

ହେବାକୁ ଥିବାବେଳେ ୮ ତାରିଖରେ ଭୋଟ୍‌ଗଣତି ହୋଇ ଫଳ ପ୍ରକାଶ ପାଇବ ।

ବି.ଜେ.ପି.ର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଅପରାହ୍ଣରେ ରାମକୃଷ୍ଣପୁରମ୍‌ରେ ଏକ ସାଧାରଣ ସଭାକୁ ସମ୍ବୋଧନ କରିବେ । ଦଳୀୟ ନେତା ତଥା କେନ୍ଦ୍ରୀମନ୍ତ୍ରୀ  ରାଜନାଥ ସିଂହ ରାଜେନ୍ଦ୍ରନଗର, ଚାନ୍ଦିନୀଚୌକ ଏବଂ ଲକ୍ଷ୍ମୀନଗରରେ ର୍‍ୟାଲି କରିବେ । ଗତକାଲି ବି.ଜେ.ପି.ର ବରିଷ୍ଠ ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଏକାଧିକ ର୍‍ୟାଲି କରିଥିଲେ । ଶ୍ରୀ ଶାହା ଆମ୍ ଆଦ୍‌ମୀ ପାର୍ଟି ନେତା ଅରବିନ୍ଦ କେଜରିୱାଲ୍‌ଙ୍କୁ ସମାଲୋଚନା କରିଥିଲେ । ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ଗତକାଲି ଦ୍ୱାରକାରେ ପ୍ରଚାର କରିଥିଲେ ।

କଂଗ୍ରେସ ନେତା ଅଜୟ ମାକେନ ଆଜି ଏକ ସାମ୍ବାଦିକ ସମ୍ମିଳନୀ କରିବାର କାର୍ଯ୍ୟକ୍ରମ ରହିଛି । ଗତକାଲି ଦଳୀୟ ନେତା ରାହୁଲ ଗାନ୍ଧି ଅନେକଗୁଡ଼ିଏ ନିର୍ବାଚନୀ ସଭାରେ ସାମିଲ୍ ହୋଇଥିଲେ । ସାଂସଦ ପ୍ରିୟଙ୍କା ଗାନ୍ଧି ଭଦ୍ରା ଚାନ୍ଦିନୀଚୌକରେ ଏକ ନିର୍ବାଚନୀ ର୍‍ୟାଲିରେ ବି.ଜେ.ପି.କୁ ସମାଲୋଚନା କରିଥିଲେ ।

ଅନ୍ୟପକ୍ଷରେ ଆପ୍ ନେତା ଅରବିନ୍ଦ କେଜରିୱାଲ୍ ମଧ୍ୟ ଅନେକ ଗୁଡ଼ିଏ ସାଧାରଣ ସଭାରେ ପ୍ରଚାର କରିଥିଲେ ।

# ଦିଲ୍ଲୀ ପୋଲ୍ସ - ହୋମ୍ ଭୋଟିଂ

ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ସମସ୍ତ ୭୦ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଦିବ୍ୟାଙ୍ଗ ଏବଂ ୮୫ ବର୍ଷରୁ ଅଧିକ ବୟସ୍କ ଭୋଟର୍‌ମାନେ ଘରୁ ମତଦାନ କରୁଛନ୍ତି । ଦିଲ୍ଲୀ ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି, ଗତମାସ ୩୧ ତାରିଖ ସୁଦ୍ଧା ହୋମ୍ ଭୋଟିଂ ପ୍ରକ୍ରିୟାରେ ୯୨ ପ୍ରତିଶତ ଭୋଟର୍ ସଫଳତାର ସହ ମତଦାନ କରିଛନ୍ତି । ଦିଲ୍ଲୀରେ ୫ ହଜାର ୯୮୨ ଜଣ ବରିଷ୍ଠ ନାଗରିକ ଓ ୯୯୮ ଜଣ ଭିନ୍ନକ୍ଷମ ଭୋଟର୍ ଅଛନ୍ତି । ଦିଲ୍ଲୀର ପଶ୍ଚିମାଞ୍ଚଳ ଜିଲ୍ଲାଗୁଡ଼ିକରେ ସର୍ବାଧିକ ୯୪ ପ୍ରତିଶତ ହୋମ୍ ଭୋଟିଂ ହୋଇଛି । ଏହି ଭୋଟିଂ ପ୍ରକ୍ରିୟା ଗତମାସ ୨୪ ତାରିଖରେ ଆରମ୍ଭ ହୋଇଥିବାବେଳେ ଆସନ୍ତା ମଙ୍ଗଳବାର ଅର୍ଥାତ୍ ନିୟମିତ ମତଦାନର ଗୋଟିଏ ଦିନ ପୂର୍ବରୁ ଶେଷ ହେବ ।

# ଇ.ସି. - ଦିଲ୍ଲୀ ପୋଲ୍‌ସ

ଦିଲ୍ଲୀ ବିଧାନସଭା ନିର୍ବାଚନକୁ ଅବାଧ, ନିରପେକ୍ଷ ଏବଂ ସ୍ୱଚ୍ଛ କରିବା ଲାଗି ସମସ୍ତ ପଦକ୍ଷେପ ଗ୍ରହଣ କରିବାକୁ ନିର୍ବାଚନ ଆୟୋଗ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ନିର୍ବାଚନ ପୂର୍ବ ୭୨ ଘଣ୍ଟା ଅତ୍ୟନ୍ତ

ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ନିର୍ବାସନ ସହ ଜଡ଼ିତ ସମସ୍ତ ଅଧିକାରୀଙ୍କ ସ୍ୱତନ୍ତ୍ର ବୈଠକ କରିବାକୁ ଆୟୋଗ ଗୁରୁତ୍ୱାରୋପ କରିଛନ୍ତି । ଏହାକୁ ଦୃଷ୍ଟିରେ ରଖି ଦିଲ୍ଲୀରେ ଯାଞ୍ଚ ପ୍ରକ୍ରିୟା କଡ଼ାକଡ଼ି ଭାବେ ଅନୁପାଳନ କରାଯାଉଛି ।

## ଛତିଶଗଡ଼ - ମାଓଇଷ୍ଟ

ଛତିଶଗଡ଼ର ବିଜାପୁର ଜିଲ୍ଲାରେ ସୁରକ୍ଷା ବାହିନୀ ସହ ଗୁଳି ବିନିମୟରେ ୮ ଜଣ ମାଓବାଦୀଙ୍କ ମୃତ୍ୟୁ ଘଟିଛି । ପୁଲିସ୍ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଗଙ୍ଗାଲୁର ଅଞ୍ଚଳରେ ମାଓବାଦୀଙ୍କ ଉପସ୍ଥିତି ନେଇ ସୂଚନା ମିଳିବା ପରେ ଜିଲ୍ଲା ରିଜର୍ଭ ଗାର୍ଡ୍, କେନ୍ଦ୍ରୀୟ ରିଜର୍ଭ ପୁଲିସ୍ ଫୋର୍ସର ଏଲିଟ୍ ୟୁନିଟ୍ କମାଣ୍ଡୋ ବାଟାଲିୟନ୍ ଫର୍ ରିଜୋଲ୍ୟୁଟ୍ ଆକ୍ସନ ଏବଂ ସ୍ପେଶାଲ୍ ଟାସ୍କଫୋର୍ସର ମିଳିତ ଟିମ୍ ନକ୍ସଲ ବିରୋଦୀ ଅଭିଯାନ ଆରମ୍ଭ କରିଥିଲେ । ଗୁଳି ବିନିମୟ ପରେ ଘଟଣାସ୍ଥଳରୁ ୮ ଜଣ ମାଓବାଦୀଙ୍କ ମୃତଦେହ ଉଦ୍ଧାର କରାଯାଇଥିବାବେଳେ ଇନ୍‌ସାସ୍ ରାଇଫଲ୍, ବ୍ୟାରେଲ୍ ଗ୍ରେନେଡ୍ ଲଞ୍ଚର୍ ଓ ଗୁଳିଗୋଳା ଜବତ କରାଯାଇଛି । ନକ୍ସଲ୍ ବିରୋଦୀ ଅଭିଯାନ ଜାରି ରହିଥିବା ସୂଚନା ମିଳିଛି ।

# ମହାକୁମ୍ଭ - ଫରେନ୍ ଡେଲିଗେସନ୍

ମହାକୁମ୍ଭ ମେଳାରେ ୭୭ଟି ଦେଶର କୂଟନୀତିଜ୍ଞ ଓ ମିଶନ୍ ମୁଖ୍ୟଙ୍କ ସମେତ ୧୧୮ ଜଣିଆ ସ୍ୱତନ୍ତ୍ର ବିଦେଶୀ ପ୍ରତିନିଧି ଦଳ ପ୍ରୟାଗରାଜ ସ୍ଥିତ ତ୍ରିବେଣୀ ସଙ୍ଗମରେ ସ୍ନାନ କରିଛନ୍ତି । ସେମାନେ ଭାରତୀୟ ସଂସ୍କୃତି ଓ ଆଧ୍ୟାତ୍ମିକତାକୁ ପ୍ରଶଂସା କରିବା ସହ କେନ୍ଦ୍ର ଓ ଉତ୍ତର ପ୍ରଦେଶ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି । କଲମ୍ବିଆ ରାଷ୍ଟ୍ରଦୂତ ଭିକ୍ଟର ଚାଭେରି ଏହି ଅନୁଭୂତିକୁ ଚମତ୍କାର ବୋଲି କହିଛନ୍ତି । ସେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟକୁ ସୁଯୋଗ ଦେଇଥିବାରୁ ପ୍ରଶଂସା କରିଛନ୍ତି ।

# ମହାକୁମ୍ଭ - ଓ.ଡି.ଓ.ପି.

ଉତ୍ତର ପ୍ରଦେଶର ପ୍ରୟାଗରାଜରେ ଚାଲିଥିବା ମହାକୁମ୍ଭ ମେଳାରେ କାରିଗରମାନଙ୍କ ହସ୍ତଶିଳ୍ପ ଏବଂ କୁଟୀର ଉତ୍ପାଦ ପ୍ରଦର୍ଶନ ପାଇଁ ସ୍ଥାପିତ ମଞ୍ଚ ଅତ୍ୟନ୍ତ ସଫଳ ସାବ୍ୟସ୍ତ ହୋଇଛି । ଆମ ସମ୍ବାଦଦାତା ଜଣାଇଛନ୍ତି, "ଗୋଟିଏ ଜିଲ୍ଲା, ଗୋଟିଏ ଉତ୍ପାଦ" ଅଧୀନରେ ୭୫ଟି ଅନନ୍ୟ ଭୌଗୋଳିକ ସୂଚକାଙ୍କ ଥିବା ଉତ୍ପାଦ ଉଭୟ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରୁଛି ।

କେନ୍ଦ୍ର ସରକାରଙ୍କ ଏହି ପଦକ୍ଷେପ ଯୋଗୁଁ ହସ୍ତଶିଳ୍ପ କାରିଗରମାନେ ସେମାନଙ୍କଦ୍ୱାରା ଉତ୍ପାଦିତ ସାମଗ୍ରୀକୁ ବିଶ୍ୱସ୍ତରରେ ଲୋକପ୍ରିୟ କରାଇପାରିବେ ବୋଲି କୁହାଯାଇଛି । ପ୍ରଦର୍ଶନୀରେ ବିଭିନ୍ନ ଅଞ୍ଚଳର କାରିଗରମାନଙ୍କ ସାମଗ୍ରୀକୁ ଶ୍ରଦ୍ଧାଳୁମାନେ କ୍ରୟ କରିବା ସହ ପ୍ରଶଂସା କରୁଥିବା ଜଣାପଡ଼ିଛି ।

## ମେନ୍ସ କ୍ରିକେଟ୍ - ଇଣ୍ଡିଆ-ଇଂଲଣ୍ଡ

ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟି-ଟ୍ୱେଣ୍ଟି ଶୃଙ୍ଖଳାର ଆଜି ପଞ୍ଚମ ତଥା ଅନ୍ତିମ ମ୍ୟାଚ୍‌ରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ମୁକାବିଲା ହେବ । ମୁମ୍ବାଇର ୱାଙ୍ଖେଡ୍ ଷ୍ଟାଡିୟମ୍‌ରେ ଭାରତୀୟ ସମୟ ସନ୍ଧ୍ୟା ୭ଟାରେ ମ୍ୟାଚ୍ ଆରମ୍ଭ ହେବ । ଏହି ଶୃଙ୍ଖଳାରେ ଭାରତ ୩-୧ରେ ଜିତିସାରିଛି । ପ୍ରଥମ ଦୁଇଟି ଓ ଚତୁର୍ଥ ମ୍ୟାଚ୍ ଭାରତ ଜିତିଥିବାବେଳେ ଇଂଲଣ୍ଡ ତୃତୀୟ ମ୍ୟାଚ୍‌ରେ ବିଜୟ ଲାଭ କରିଥିଲା । ଏହି ଟି-ଟ୍ୱେଣ୍ଟି ସିରିଜ୍ ପରେ ଇଂଲଣ୍ଡ ଭାରତ ସହ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ମ୍ୟାଚ୍ ଖେଳିବ । ଆସନ୍ତା ୬, ୯ ଓ ୧୨ ତାରିଖରେ ଏହି ଦିନିକିଆ ମ୍ୟାଚ୍‌ଗୁଡ଼ିକ ଖେଳାଯିବ ।

## ୟୁ-୧୯ ୱିମେନ୍ କ୍ରିକେଟ୍

୧୯ ବର୍ଷରୁ କମ୍ ମହିଳା ଟି-ଟ୍ୱେଣ୍ଟି ୱାର୍ଲଡ୍ କପ୍‌ରେ କ୍ୱାଲାଲାମ୍ପୁର ସ୍ଥିତ ବାଇମାସ୍ ଓଭାଲ୍ ଷ୍ଟାଡିୟମ୍‌ରେ ଆଜି ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ମୁକାବିଲା ହେବ । ଭାରତୀୟ ସମୟ ମଧ୍ୟାହ୍ନ ୧୨ଟାରେ ମ୍ୟାଚ୍ ଆରମ୍ଭ ହେବ । ଗତ ଶୁକ୍ରବାର ସେମିଫାଇନାଲ୍‌ରେ ଭାରତ ୯ ରନ୍‌ରେ ଇଂଲଣ୍ଡକୁ ସେମିଫାଇନାଲ୍‌ରେ ପରାସ୍ତ କରି ଫାଇନାଲ୍‌ରେ ପ୍ରବେଶ କରିଛି ।

ସେହିଭଳି ଦକ୍ଷିଣ ଆଫ୍ରିକା ୫ ୱିକେଟ୍‌ରେ ଅଷ୍ଟ୍ରେଲିଆକୁ ପରାସ୍ତ କରି ଫାଇନାଲ୍‌କୁ ଉନ୍ନୀତ ହୋଇଛି ।

## ହକି ଇଣ୍ଡିଆ ଲିଗ୍

ରାଉରକେଲା ବିର୍ସାମୁଣ୍ଡା ହକି ଷ୍ଟାଡିୟମ୍‌ରେ ଗତକାଲିର ଫାଇନାଲ୍ ମ୍ୟାଚ୍‌ରେ ବେଙ୍ଗଲ୍ ଟାଇଗର୍ସ ୪-୩ ଗୋଲ୍‌ରେ ହାଇଦ୍ରାବାସ ତୁଫାନ୍‌ସକୁ ହରାଇ ଚାମ୍ପିୟନ୍ ହୋଇଛି । ଉଦ୍‌ଯାପନୀ ଉତ୍ସବ ଓ ୨ଟି ସଂଘର୍ଷପୂର୍ଣ୍ଣ ହକି ଖେଳ ମୁକାବିଲାକୁ ପ୍ରାୟ ୩୦ ହଜାର ଦର୍ଶକ ଉପଭୋଗ କରିଥିଲେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉଦ୍‌ଯାପନୀ କ୍ରୀଡ଼ା ସମାରୋହରେ ଯୋଗ ଦେଇଥିଲେ ।

*****